## ସଂକ୍ଷେପରେ

### ସ୍କୁଲରେ ବିଶୁଦ୍ଧ ପାନୀୟଜଳ ବ୍ୟବସ୍ଥା

**ଢେଙ୍କାନାଳ ଅଫିସ, ୨୭।୧୦:** ଢେଙ୍କାନାଳ ସୁନ୍ଦରୀଖାଲସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବୁଧବାର ବିଧାୟକ ସୁଧୀର କୁମାର ସାମଲଙ୍କ ଦ୍ୱାରା ୮୦ ଏବଂ ୨୫ ଲିଟର କ୍ଷମତା ବିଶିଷ୍ଟ ୨ଟି ବିଶୁଦ୍ଧ ପାନୀୟ ଜଳ ମେଶିନ ଉଦ୍‌ଘାଟିତ ହୋଇଛି। ବିଧାୟକଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ପିଲାଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ଏହି ବ୍ୟବସ୍ଥା କରାଯାଇଛି। ବିଦ୍ୟାଳୟର ସମ୍ପାଦକ ବିଶ୍ୱନାଥ ବେହେରା, ପ୍ରଧାନ ଆଚାର୍ଯ୍ୟା କନକଲତା ପ୍ରଧାନ, ଅରୁନ୍ଧତୀ ମହାପାତ୍ର, ପ୍ରତିଭା ଦାସ, ଚିନ୍ତାମଣି ନାଥ, ଜ୍ୟୋତ୍ସ୍ନା ମିଶ୍ର, ଗଗନ ବିହାରୀ ବେହେରା, ସଞ୍ଜୀବ ମିଶ୍ର, ଜ୍ୟୋତି ରଥ, ନିର୍ମଳା ରାଉତ, ପ୍ରଜ୍ଞା ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

### ବାହାରିଲେ ୬ ସଂକ୍ରମିତ

**ଢେଙ୍କାନାଳ ଅଫିସ, ୨୭।୧୦:** ଢେଙ୍କାନାଳ ଜିଲାରୁ ବୁଧବାର ୬ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ହିନ୍ଦୋଳ ବ୍ଲକରୁ ୩, ଢେଙ୍କାନାଳ ପୌରାଞ୍ଚଳରୁ ୧, ଭୁବନ ବ୍ଲକରୁ ୧ ଏବଂ ଅନ୍ୟ ଚିକିତ୍ସାଳୟର ଜଣେ ରହିଛନ୍ତି। ଏହାକୁ ମିଶାଇ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୯ ହଜାର ୮୫୬ରେ ପହଞ୍ଚିଛି। ଚିକିତ୍ସା ପରେ ୧୯ ହଜାର ୫୮୨ ଜଣ ସୁସ୍ଥ ହୋଇସାରିଲେଣି। ଏବେ ଜିଲାରେ ୩୧ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ଥିବାବେଳେ କୋଭିଡ୍‌ଜନିତ ମୃତ୍ୟୁସଂଖ୍ୟା ୨୪୩ରେ ସ୍ଥିର ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### କଳାକୃତି ପ୍ରତିଯୋଗିତା

**ଢେଙ୍କାନାଳ ଅଫିସ, ୨୭।୧୦:** ଢେଙ୍କାନାଳ ପୋଲିସ ଲାଇନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ହାତ ତିଆରି କଳାକୃତି ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ନୃତ୍ୟଗୀତ ସାଙ୍ଗକୁ ନିଜସ୍ୱ ଶୈଳୀରେ ଗଳ୍ପ ଉପସ୍ଥାପନ କରିଥିଲେ। କରୋନା ମହାମାରୀ ପରେ ଅଷ୍ଟମ ଶ୍ରେଣୀ ପିଲାଙ୍କ ଲାଗି ସ୍କୁଲ ଖୋଲିଥିବାବେଳେ ଚାପମୁକ୍ତ ପରିବେଶ ସୃଷ୍ଟି ପାଇଁ ଏଭଳି ଅଭିନବ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ଥର୍ମାଲ ସ୍କ୍ରିନିଂ ପରେ ଛାତ୍ରୀଛାତ୍ର ସ୍କୁଲ ପରିସରକୁ ପ୍ରବେଶ କରିଥିଲେ। ସେମାନଙ୍କୁ ଫୁଲଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ରେଖା ସାହୁ, ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ମହାପାତ୍ର, ଶକୁନ୍ତଳା ମିଶ୍ର, ମନୋଜବାଳା ମିଶ୍ର, ସ୍ନେହପ୍ରଭା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏବିଇଓ ଆଦିତ୍ୟ ସାମଲ, ଦେବବ୍ରତ ନାଥ ବିଦ୍ୟାଳୟ ପରିଦର୍ଶନ କରିଥିଲେ।

### ଦୁର୍ନୀତି ନିବାରଣ ଶପଥ



**କାମାକ୍ଷାନଗର,୨୭।୧୦(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଦୁର୍ନୀତି ନିବାରଣ ସପ୍ତାହ ଉପଲକ୍ଷେ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ କୈଳାସ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟାଳୟର କର୍ମଚାରୀଙ୍କୁ ଶପଥପାଠ କରାଇଥିଲେ। ବ୍ୟକ୍ତିଗତ ସ୍ୱାର୍ଥରୁ ଉର୍ଦ୍ଧ୍ୱକୁ ଉଠି ଲୋକଙ୍କ ନିକଟତର ହୋଇ କାର୍ଯ୍ୟ କରିବାକୁ ଉପଜିଲାପାଳ ପରାମର୍ଶ ଦେଇଛନ୍ତି।

# ତରଳ ଖାଦ୍ୟ ଖାଉଛି, ମଣିଷ ଚିହ୍ନୁଛି

- ■କ୍ୱାରାଣ୍ଟାଇନ୍‌ରେ ଉଦ୍ଧାର ଛୁଆ ହାତୀ
- ■ରେସ୍କ୍ୟୁ ସେଣ୍ଟରରେ ନିଆଯାଉଛି ସ୍ୱତନ୍ତ୍ର ଯତ୍ନ
- ■ଶରୀର ତାପମାତ୍ରା ଉପରେ ତୀକ୍ଷ୍ଣ ନଜର

**ଢେଙ୍କାନାଳ ଅଫିସ, ୨୭।୧୦**



ହାତୀ ଛୁଆକୁ ଖାଇବାକୁ ଦିଆଯାଉଛି।

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜରୁ ଉଦ୍ଧାର ହୋଇ ଆସିଥିବା ମା' ପରିତ୍ୟକ୍ତା ମାଈ ଛୁଆ ହାତୀକୁ ଢେଙ୍କାନାଳ ଜିଲା କପିଳାସ ପ୍ରାଣୀ ଉଦ୍ୟାନ ପରିସରରେ ଥିବା ଏଲିଫ୍ୟାଣ୍ଟ ରେସ୍କ୍ୟୁ ସେଣ୍ଟର ପରିସରରେ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ମା' କ୍ଷୀର ଅଭ୍ୟାସ ଛାଡ଼ି ନ ଥିବା ଆନୁମାନିକ ଉକ୍ତ ୩ମାସର ହାତୀକୁ ବଞ୍ଚାଇ ରଖିବା ବନ ବିଭାଗ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଥିବାବେଳେ ଏଥି ଲାଗି ଦିନରାତି ଏକ୍ କରିଦେଇଛନ୍ତି ଚିଡ଼ିଆଖାନାର କର୍ମଚାରୀ। ଅପରପକ୍ଷେ ହାତୀଟି ତରଳ ଖାଦ୍ୟ ଖାଉଥିବାବେଳେ ଧୀରେ ଧୀରେ ମଣିଷଙ୍କ ନିକଟତର ହେଉଛି।

ମଙ୍ଗଳବାର ଅପରାହ୍ନରେ ରେସ୍କ୍ୟୁ ସେଣ୍ଟରରେ ପହଞ୍ଚିବା ପରେ ହାତୀ ଶାବକକୁ ୨୪ ଘଣ୍ଟିଆ ନିରୀକ୍ଷଣରେ ରଖାଯିବା ସହ ସ୍ୱତନ୍ତ୍ର ଭାବେ ଯତ୍ନ ନିଆଯାଉଛି। ନିୟମିତ ସମୟ ବ୍ୟବଧାନରେ ସେରେଲାକ୍, ଲାକ୍ଟୋଜେନ୍ ଖାଇବାକୁ ଦିଆଯାଉଛି। ଶରୀର ତାପମାତ୍ରା ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଟେମ୍ପରେଚର ମନିଟରିଂ କରାଯାଉଛି। ପାଖାପାଖି ମାସେ ଧରି ହାତୀକୁ ପୃଥକ୍‌ବାସରେ ରଖାଯିବ। ଏହାପରେ ନାମକରଣ କରାଯିବ ବୋଲି ଜିଲା ବନଖଣ୍ଡ ଅଧିକାରୀ ଡା. ପ୍ରକାଶ ଚାନ୍ଦ ଗୋଗିନେନି ସୂଚନା ଦେଇଛନ୍ତି। ଅନ୍ୟପଟେ ମା' ଏବଂ ପଲଠାରୁ ଦୂରରେ ଥିବା ଉକ୍ତ ଛୁଆ ହାତୀ ଏବେ ଧୀରେ ଧୀରେ ମଣିଷଙ୍କ ନିକଟତର ହେଉଛି। ହାତରୁ ଖାଇବା ସହ ସ୍ନେହ ଆଦର ଲୋଡ଼ିବା ଆରମ୍ଭ କରିଛି, ଯାହା ଶୁଭସଙ୍କେତ ବୋଲି ଏହାର ଯତ୍ନ ନେଉଥିବା କର୍ମଚାରୀ କହିଛନ୍ତି। ସୂଚନାଯୋଗ୍ୟ, ଚମ୍ପୁଆ ରେଞ୍ଜ୍‌ର ଏକ କୂଅରେ ଛୁଆ ହାତୀ ପଡ଼ିଯାଇଥିଲା। ଏହାକୁ ଉଦ୍ଧାର କରାଯିବା ପରେ ପଲରେ ଛାଡ଼ିବାକୁ ଉଦ୍ୟମ କରିଥିବା ସେଠାକାର ବନ ବିଭାଗ। ହେଲେ ମଣିଷ ସଂସ୍ପର୍ଶରେ ଆସିଥିବାରୁ ମା' ଏବଂ ପଲ ଗ୍ରହଣ କରି ନ ଥିଲା। ଜୀବନ ପ୍ରତି ବିପଦ ଥିବାରୁ ହାତୀକୁ ମଙ୍ଗଳବାର ଅପରାହ୍ନରେ ଏକ ସ୍ୱତନ୍ତ୍ର ରେସ୍କ୍ୟୁ ଭ୍ୟାନ୍‌ରେ କପିଳାସ ପ୍ରାଣୀ ଉଦ୍ୟାନ ପରିସରରେ ଥିବା ଏଲିଫ୍ୟାଣ୍ଟ ରେସ୍କ୍ୟୁ ସେଣ୍ଟରକୁ ଅଣାଯାଇଥିଲା।

# ମୋ' ସରକାର କକ୍ଷ ଲୋକାର୍ପିତ



ମୋ ସରକାର କକ୍ଷ ଉଦ୍‌ଘାଟନ ଅବସରରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

**ଢେଙ୍କାନାଳ ଅଫିସ, ୨୭।୧୦**

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ପରିସରରେ ବୁଧବାର ମୋ ସରକାର କକ୍ଷ ଉଦ୍‌ଘାଟିତ ହୋଇଛି। ଜିଲାପାଳ ସରୋଜ କୁମାର ସେଠୀ ଏହାକୁ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରିଥିଲେ। ଶାସନ ବ୍ୟବସ୍ଥାକୁ ଜନକେନ୍ଦ୍ରିକ କରିବା, ସରକାରୀ କାର୍ଯ୍ୟାଳୟକୁ ଆସୁଥିବା ଲୋକଙ୍କୁ ମର୍ଯ୍ୟାଦାର ସହିତ ସେବା ଯୋଗାଇବା, ଉତ୍ତମ ବ୍ୟବହାର ପ୍ରଦର୍ଶନ, ବୃତ୍ତିଗତ ଆଚରଣକୁ ପ୍ରୋତ୍ସାହିତ କରି ସ୍ୱଚ୍ଛ ସେବା ଯୋଗାଇଦେବା ମୋ ସରକାରର ବ୍ୟବସ୍ଥାର ଲକ୍ଷ୍ୟ। ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ଯୋଜନାର ସଫଳ ରୂପାୟନରେ ଏହା ସହାୟକ ହେବ। ଜିଲା କାର୍ଯ୍ୟାଳୟକୁ ବିଭିନ୍ନ କାର୍ଯ୍ୟରେ ଆସୁଥିବା ଲୋକମାନେ ସେମାନଙ୍କ ଅଭିଯୋଗ ମୋ ସରକାର କକ୍ଷରେ ଥିବା ରେଜିଷ୍ଟରରେ ଉଲ୍ଲେଖ କରିପାରିବେ। ଜନସାଧାରଣଙ୍କ ମତାମତ ଭିତ୍ତିରେ ଶାସନ ବ୍ୟବସ୍ଥାକୁ ଅଧିକ ଉତ୍ତରଦାୟୀ ଓ ଫଳପ୍ରଦ କରିବା ମୋ ସରକାର କକ୍ଷର ଉଦ୍ଦେଶ୍ୟ ବୋଲି ଜିଲାପାଳ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାଶ, ଡେପୁଟି କଲେକ୍ଟର ସ୍ମୃତିରଞ୍ଜନ ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ଦିନକ ପରେ ବିଦାୟ ନେବେ ଧନଦାତ୍ରୀ

## ଶାନ୍ତିଶୃଙ୍ଖଳାରେ ଭସାଣି ସାରିବାକୁ ବିଧାୟକଙ୍କ ପରାମର୍ଶ

**ଢେଙ୍କାନାଳ ଅଫିସ, ୨୭।୧୦**

ଢେଙ୍କାନାଳର ଗଣପର୍ବ ଲକ୍ଷ୍ମୀପୂଜା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଗୁରୁବାର ମଣ୍ଡପରେ ସନ୍ଧ୍ୟା ଦର୍ଶନ ଅନୁଷ୍ଠିତ ହେବାକୁ ଥିବାବେଳେ ଶୁକ୍ରବାର ବାହୁଡ଼ିବେ ଧନଦାତ୍ରୀ। ଏହାକୁ ନେଇ ପ୍ରସ୍ତୁତି ଆରମ୍ଭ କରିଛନ୍ତି ପୂଜା ମଣ୍ଡପ। ବିଧାୟକ ସୁଧୀର ସାମଲ, ଜିଲା ବିଜେଡି ପର୍ଯ୍ୟବେକ୍ଷକ ବିଜୟ ନାୟକ ବୁଧବାର ସନ୍ଧ୍ୟାରେ ବିଭିନ୍ନ ମଣ୍ଡପ ପରିକ୍ରମା କରି ଭସାଣି କାର୍ଯ୍ୟକ୍ରମ ଶୃଙ୍ଖଳାରେ ସାରିବାକୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ଲକ୍ଷ୍ମୀବଜାର ମଣ୍ଡପରେ ବିଧାୟକ ପୂଜାର୍ଚ୍ଚନା କରିଥିଲେ। ପ୍ରତିଷ୍ଠାନର ସଭାପତି ଜଗଦୀଶ ଅଗ୍ରୱାଲ, କାର୍ଯ୍ୟକାରୀ ସଭାପତି ପ୍ରଭାକର ବେହେରା, ସମ୍ପାଦକ ରବିନାରାୟଣ ବେହେରା, ସତ୍ୟସ୍ୱରୂପ ଦାସ, ମାୟାଧର ପାତ୍ର ପ୍ରମୁଖ ତାଙ୍କୁ ସ୍ୱାଗତ କରିଥିଲେ। ପୂର୍ବତନ ନଗରପାଳ ଇନ୍ଦ୍ରମଣି ବେହେରା, ସୁଧାଂଶୁ ଦଳେଇ, ଜିଲା ମହିଳା ବିଜେଡି ସଭାନେତ୍ରୀ ସାଗରିକା ମିଶ୍ର, ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ର, ନିରାକାର ସାହୁ, ଶ୍ରୀକାନ୍ତ ଧଳ, ଉର୍ବଶୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବୁଧବାର ପୂଜା ଦେଖିବାକୁ ଜନସମାଗମ ହୋଇଥିଲା। ଟାଉନ ଥାନା ପୋଲିସ କର୍ମଚାରୀ ବିଭିନ୍ନ ମଣ୍ଡପରେ ଉପସ୍ଥିତ ରହି ମାସ୍କ, ସାମାଜିକ ଦୂରତା ନିୟମ ଯାଞ୍ଚ କରିଥିଲେ।



ଲକ୍ଷ୍ମୀବଜାର ପୂଜା ମଣ୍ଡପରେ ବିଧାୟକ ସୁଧୀର କୁମାର ସାମଲ ପୂଜାର୍ଚ୍ଚନା କରୁଛନ୍ତି।

# ୧ରୁ ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ

**ଢେଙ୍କାନାଳ ଅଫିସ, ୨୭।୧୦**

ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ଅନୁଯାୟୀ ଢେଙ୍କାନାଳ ଜିଲା ପ୍ରଶାସନ ପକ୍ଷରୁ ନଭେମ୍ବର ୧ରୁ ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଆରମ୍ଭ ହେବ। ଏହା ୩୦ ତାରିଖ ଯାଏ ଚାଲିବ। ସମସ୍ତ ନିର୍ବାଚନ ମଣ୍ଡଳୀ ପଞ୍ଜୀକରଣ ଅଧିକାରୀ ତଥା ଉପଜିଲାପାଳଙ୍କ କାର୍ଯ୍ୟାଳୟ ଏବଂ ମତଦାନ କେନ୍ଦ୍ରରେ ଚିଠା ଭୋଟର ତାଲିକା ପ୍ରକାଶ ପାଇବ। ୨୦୨୨ ଜାନୁୟାରୀ ୧ ସୁଦ୍ଧା ୧୮ ବର୍ଷ ହେଉଥିବା ବ୍ୟକ୍ତିମାନେ ଭୋଟର ତାଲିକାରେ ସାମିଲ ହୋଇପାରିବେ। ସମସ୍ତ ବୁଥ୍‌ରେ ଜଣେ ବୁଥ୍‌ସ୍ତରୀୟ ଅଧିକାରୀ ସଂଶୋଧନ କାର୍ଯ୍ୟ କରିବେ। ମୃତ, ସ୍ଥାନାନ୍ତର ଏବଂ ଦୁଇଟି ସ୍ଥାନରେ ନାମ ଥିବା ଭୋଟରଙ୍କୁ ଚିହ୍ନଟ କରି ତାଲିକାରୁ ବାଦ୍ ଦିଆଯିବ। ଆଶାୟୀମାନେ ଆପତ୍ତି ଅଭିଯୋଗ ସମ୍ପର୍କିତ ଫର୍ମ ପୂରଣ କରି ଉପଜିଲାପାଳ, ବିଡିଓ, ତହସିଲଦାର କିମ୍ବା ବୁଥ୍‌ସ୍ତରୀୟ ଅଧିକାରୀଙ୍କ ନିକଟରେ ଦାଖଲ କରିପାରିବେ ବୋଲି ଜିଲା ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# ମୁଖ୍ୟମନ୍ତ୍ରୀଙ୍କୁ ଦୁଃଖ ଜଣାଇବେ ଡ୍ରାଇଭର



ଭୁବନେଶ୍ୱର ଅଭିମୁଖେ ପଦଯାତ୍ରାରେ ବାହାରିଥିବା ଡ୍ରାଇଭର ମହାସଂଘର କର୍ମକର୍ତ୍ତାମାନେ।

**ପଦଯାତ୍ରାରେ ସମ୍ବଲପୁରରୁ ଭୁବନେଶ୍ୱର**

**ଢେଙ୍କାନାଳ ଅଫିସ, ୨୭।୧୦**

କରୋନା ମହାମାରୀ ସମୟରେ ଆର୍ଥିକ ଦୁରବସ୍ଥାର ଶିକାର ହୋଇଥିବା ଡ୍ରାଇଭରମାନେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇବେ ଦୁଃଖ। ଏଥିଲାଗି ମହାସଂଘର କର୍ମକର୍ତ୍ତାମାନେ ୨୧ ତାରିଖରୁ ସମ୍ବଲପୁରସ୍ଥିତ ମା' ସମଲେଶ୍ୱରୀଙ୍କ ପୀଠରୁ ନବୀନ ନିବାସ ଅଭିମୁଖେ ପଦଯାତ୍ରା ଆରମ୍ଭ କରିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ପଦଯାତ୍ରୀ ଦଳର କର୍ମକର୍ତ୍ତାମାନେ ଢେଙ୍କାନାଳ ମହିଷାପାଟ ବାଇପାସ୍‌ରେ ପହଞ୍ଚି ରାତ୍ରିଯାପନ କରିଥିଲେ। ବୁଧବାର ଏକ ଖବରଦାତା ସମ୍ମିଳନୀରେ ସେମାନେ ୧୦ଦଫା ଦାବି ସମ୍ପର୍କରେ ସୂଚନା ଦେଇଛନ୍ତି। ୨୯ ତାରିଖରେ ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯିବ ବୋଲି ମହାସଂଘର ଓଡ଼ିଶା ଶାଖା ସଭାପତି ପ୍ରଶାନ୍ତ ମେଣ୍ଡୁଲି ସୂଚନା ଦେଇଛନ୍ତି।

ଆକ୍ରୋଶର ଶିକାର ହେଉଥିବା ଡ୍ରାଇଭରଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ, ପ୍ରତି ୧୦୦ କିଲୋମିଟର ବ୍ୟବଧାନରେ ପାର୍କିଂ, ବିଶ୍ରାମାଗାର ଏବଂ ଶୌଚାଳୟ ବ୍ୟବସ୍ଥା, ୫୫ ବର୍ଷ ପରେ ପେନ୍‌ସନ୍, ଦୁର୍ଘଟଣାରେ ମୃତ ଡ୍ରାଇଭରଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କାର ବୀମା, ଦିବ୍ୟାଙ୍ଗ ହେଲେ ୧୦ ଲକ୍ଷର ବୀମା ସହିତ ୫ ଲକ୍ଷ ଟଙ୍କା ଯାଏ ଚିକିତ୍ସା ସୁବିଧା, ବିତ୍ତୀୟ ଶ୍ରମିକ ମାନ୍ୟତା, ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ ୫ଲକ୍ଷ ଟଙ୍କା, ପିଲାମାନଙ୍କ ପାଇଁ ଉଚ୍ଚଶିକ୍ଷା ବ୍ୟବସ୍ଥା ଆଦି ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନର ୧୫ଦିନ ମଧ୍ୟରେ କୌଣସି ପଦକ୍ଷେପ ନିଆ ନ ଗଲେ ରାଜ୍ୟର ଡ୍ରାଇଭରମାନେ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ କରିବେ ବୋଲି ମହାସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ପଦଯାତ୍ରାରେ ମହାସଂଘର ଉପସଭାପତି ସୁମନ ଆଲଟିଆ, ସହ ସମ୍ପାଦକ ଘନଶ୍ୟାମ ବେହେରା, କୋଷାଧ୍ୟକ୍ଷ ଆଦିତ୍ୟ ପ୍ରସାଦ ବେହେରା, ଢେଙ୍କାନାଳ ଶାଖା ସଭାପତି ନରୋତ୍ତମ ବେହେରା, ଉପସଭାପତି ପବିତ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲା ପରିଷଦ ଆସନ ଅପରିବର୍ତ୍ତିତ

- ■ପ୍ରକାଶ ପାଇଲା ଚୂଡ଼ାନ୍ତ ତାଲିକା
- ■ଅଧ୍ୟକ୍ଷ ପଦବୀରେ ବସିବେ ମହିଳା

**ଢେଙ୍କାନାଳ ଅଫିସ, ୨୭।୧୦**

ଆପତ୍ତି ଅଭିଯୋଗ ଶୁଣାଣି ପରେ ଢେଙ୍କାନାଳ ଜିଲା ପରିଷଦ ଆସନ ଲାଗି ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇଛି। ତେବେ ପ୍ରକାଶିତ ତାଲିକାରେ କୌଣସି ପରିବର୍ତ୍ତନ ହୋଇନାହିଁ। ଫଳରେ ନିର୍ବାଚନ ରୂପରେଖ ସ୍ପଷ୍ଟ ହୋଇଛି। ଜିଲା ପରିଷଦ ଅଧ୍ୟକ୍ଷ ପଦବୀ ମହିଳାଙ୍କ ଲାଗି ସଂରକ୍ଷିତ ରଖାଯାଇଛି। ମୋଟ ୨୭ ଜିଲା ପରିଷଦ ଆସନ ମଧ୍ୟରୁ ଅନୁସୂଚିତ ଜାତି ୫, ଅନୁସୂଚିତ ଜନଜାତି ୪, ପଛୁଆବର୍ଗ ୪ ଏବଂ ସାଧାରଣବର୍ଗ ଲାଗି ୧୪ଟି ସଂରକ୍ଷିତ ରହିଛି। ସମସ୍ତ ଆସନ ମଧ୍ୟରୁ ମହିଳାଙ୍କ ଲାଗି ୭ଟି ଉଦ୍ଦିଷ୍ଟ। ତନ୍ମଧ୍ୟରୁ ଅନୁସୂଚିତ ଜାତି ପାଇଁ ୩, ଅନୁସୂଚିତ ଜନଜାତି ପାଇଁ ୨, ପଛୁଆବର୍ଗ ପାଇଁ ୨ ଆସନ ସଂରକ୍ଷିତ ରଖାଯାଇଛି।

ସେହିପରି ଚୂଡ଼ାନ୍ତ ତାଲିକା ଅନୁଯାୟୀ, ଓଡ଼ପଡ଼ା ବ୍ଲକ ଅଧ୍ୟକ୍ଷ ପଦବୀ ଅଣସଂରକ୍ଷିତ, କଙ୍କଡ଼ାହାଡ଼ ଅନୁସୂଚିତ ଜନଜାତି ମହିଳା, କାମାକ୍ଷାନଗର ଏବଂ ଭୁବନ ଅଣସଂରକ୍ଷିତ, ଗଁନ୍ଦିଆ ଅନୁସୂଚିତ ଜାତି, ଢେଙ୍କାନାଳ ସଦର ବ୍ଲକ ପଛୁଆ ବର୍ଗ ମହିଳା, ପରଜଙ୍ଗ ଅଣସଂରକ୍ଷିତ ମହିଳା, ହିନ୍ଦୋଳ ବ୍ଲକ ଅଧ୍ୟକ୍ଷ ପଦବୀ ଅନୁସୂଚିତ ଜାତି ମହିଳାଙ୍କ ପାଇଁ ସଂରକ୍ଷିତ ରହିଥିବା ଜିଲା ପଞ୍ଚାୟତ ଅଧିକାରୀ ଚନ୍ଦ୍ରଶେଖର ମହାରଣା ସୂଚନା ଦେଇଛନ୍ତି।

# 'ଗୋପାଳନରୁ ମିଳିବ ପାରମ୍ପରିକ ଖତ'

**ଢେଙ୍କାନାଳ ଅଫିସ, ୨୭।୧୦**

ଢେଙ୍କାନାଳ ଦକ୍ଷିଣକାଳୀ ରୋଡ୍‌ସ୍ଥିତ ୟୁକୋ ବ୍ୟାଙ୍କ୍ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନରେ ଆରମ୍ଭ ହୋଇଛି ୧୦ଦିନିଆ ଗୋପାଳନ ଏବଂ ଜିଆଖତ ପ୍ରଶିକ୍ଷଣ ଶିବିର। ଏଥିରେ ସଦର ବ୍ଲକ କାଇମାଟି ପଞ୍ଚାୟତ ଗହମଖୁଣ୍ଟିର ୩୦ ମହିଳା ଅଂଶଗ୍ରହଣ କରିଛନ୍ତି। ମୁଖ୍ୟଅତିଥି ଭାବେ ଏସ୍‌ବିଆଇ ମ୍ୟାନେଜର ଫଣିନ୍ଦ୍ର ଭୂଷଣ ଭଞ୍ଜ ଯୋଗଦେଇ କହିଲେ, ଗୋପାଳନ କଲେ ପାରମ୍ପରିକ ଖତ ସୁବିଧାରେ ମିଳିପାରିବ। ଜିଆଖତ ଉତ୍ପାଦନ କରାଯାଇପାରିଲେ ଅର୍ଗାନିକ୍ ଫସଲ ଉତ୍ପାଦନ ହୋଇପାରିବ। ଶିକ୍ଷକ ରଞ୍ଜନ ରଣା, ଅଙ୍ଗନୱାଡ଼ି କର୍ମୀ ସୌଭାଗିନୀ ସାହୁ, ପ୍ରତିଷ୍ଠାନର ନିର୍ଦ୍ଦେଶିକା ପୁଷ୍ପଲତା ତ୍ରିପାଠୀ, ତାଲିମଦାତା ସୁଚିତ୍ରା ଗଡ଼ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। କର୍ମଚାରୀ ପ୍ରଣବ ରଞ୍ଜନ ମିଶ୍ର, ସତ୍ୟଶୁଭମ୍ ଦାସ ପ୍ରମୁଖ ପରିଚାଳନା କରିଥିଲେ।

# ସଂଘକୁ ସୁଦୃଢ଼ କରିବାକୁ ଆହ୍ୱାନ

**ଢେଙ୍କାନାଳ ଅଫିସ, ୨୭।୧୦**

ଢେଙ୍କାନାଳରେ କୃଷି କର୍ମଚାରୀ ଓ କୃଷି ଅଧିଦର୍ଶକ ସଂଘର ଏକ ସାଧାରଣ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ସଂଘ ସଭାପତି ଦିଲୀପ କୁମାର ସାମନ୍ତରାୟ ଯୋଗଦେଇ ଜିଲା ଏବଂ ବ୍ଲକ ସଙ୍ଗଠନକୁ ସୁଦୃଢ଼ କରିବାକୁ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ନବନିଯୁକ୍ତ ଗ୍ରାମ୍ୟ କୃଷି କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ଗ୍ରାମ୍ୟ କୃଷି କର୍ମଚାରୀ ସଂଘ ସଭାପତି ଶିଶିର ସାହୁଙ୍କ ସଭାପତିତ୍ୱରେ କୃଷି ଅଧିଦର୍ଶକ ସଂଘର ଅନିଲ କୁମାର ରାଉତ, ସମ୍ପାଦିକା କୁମୁଦିନୀ ସାହୁ, ରାଜ୍ୟ ସଂଘ ଭାରପ୍ରାପ୍ତ ସମ୍ପାଦକ ନବଘନ ମୁଦୁଲି, ଜିଲା କୃଷି କର୍ମଚାରୀ ସଂଘ ସାଧାରଣ ସମ୍ପାଦକ ଅଜିତ ସାମଲ, ଉପସଭାପତି କମରମଣି ସାହୁ, କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ସିଂ, ଅକ୍ଷୟ ରାଉତ, ସୁଶୀଲ ଦାସ ପ୍ରମୁଖ ଉପସ୍ଥିତ ଥିଲେ। କୃଷି କର୍ମଚାରୀ ସଂଘର ଅଧ୍ୟକ୍ଷ ପ୍ରଦୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ସଂଘର କାର୍ଯ୍ୟକର୍ତ୍ତାମାନେ।



ଢେଙ୍କାନାଳ କାରିଗର ସାହି।



ପଦ୍ମବଜାର।



ରାଧାକ୍ରିଷ୍ଣ ବଜାର।



କଲେଜ ଛକ।

## ଟାଙ୍ଗିଆରେ ଆକ୍ରମଣ, ବାପପୁଅ ଗିରଫ

**କଣିହାଁ:** ପାରିବାରିକ କଳହକୁ କେନ୍ଦ୍ରକରି ଟାଙ୍ଗିଆରେ ଆକ୍ରମଣ ଅଭିଯୋଗରେ କଣିହାଁ ଥାନା ପୋଲିସ ବୁଧବାର ବଡ଼ଗୁଣ୍ଡୁରୀ ଗ୍ରାମର ବିଜୟ ବେହେରା ଓ ତାଙ୍କ ପୁଅ ସରୋଜ ବେହେରାଙ୍କୁ ଗିରଫ କରିଛି। ପୋଲିସ କହିଛି, ବିଜୟ ଓ ସରୋଜ ସେହି ଗ୍ରାମର ଝରଣୀ ବେହେରାଙ୍କ ୨ ପୁଅ ଗୋବିନ୍ଦ ଓ ଗୋପାଳଙ୍କୁ ଆକ୍ରମଣ କରିଥିଲେ। ଝରଣୀଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୨୮୦/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଆଜି କ'ଣ କେଉଁଠି

ବଅଁରପାଳ

- ବିଦ୍ୟୁତ୍ ମଜଦୁର୍ ସଂଘର ଧାରଣା। ସ୍ଥାନ-ସିପିପି ଫାଟକ। ସମୟ-ସକାଳ ୭ ଟା ୩୦।

## ବିଷ ପିଇ ଯୁବକ ମୃତ

ଅନୁଗୋଳ ଅଫିସ, ୨୭।୧୦- ବଅଁରପାଳ ଥାନା ମହାଧରପୁର ଫାଣ୍ଡି କଇଁଛବାହାଲ ଗ୍ରାମର ଜୟନ୍ତ ବେହେରା(୩୦)ଙ୍କ ବିଷପାନ କାରଣରୁ ମୃତ୍ୟୁ ହୋଇଥିବା ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଖବରପାଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯିବା ସହ ମୃତଦେହ ବ୍ୟବଚ୍ଛେଦ କରାଇଛି। ପାରିବାରିକ କଳହକୁ କେନ୍ଦ୍ର କରି ଜୟନ୍ତ ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ସୂଚନା ପାଇଛି। ଏ ନେଇ ମୃତକଙ୍କ ଭାଇ ହେମନ୍ତ ବେହେରା ବଅଁରପାଳ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

## ୨ ପଜିଟିଭ୍ ଚିହ୍ନଟ

ଅନୁଗୋଳ ଅଫିସ, ୨୭।୧୦- ଅନୁଗୋଳ ଜିଲାରୁ ୨ ଜଣ କରୋନା ପଜିଟିଭ୍ ବୁଧବାର ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୪୪ ହଜାର ୪୪୦ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଅନୁଗୋଳ ପୌରାଞ୍ଚଳରୁ ୨ ଜଣ ରହିଛନ୍ତି। ସେହିପରି ଦିନକରେ ଜିଲାରୁ ଜଣେ ସଂକ୍ରମିତ କରୋନାରୁ ସୁସ୍ଥ ହୋଇଛନ୍ତି। ଜିଲାରେ ପୁଣି ଜଣେ ପଜିଟିଭ୍‌ଙ୍କ ମୃତ୍ୟୁ ହୋଇଥିବାରୁ ମୋଟ ମୃତକଙ୍କ ସଂଖ୍ୟା ୩୯୨ରେ ପହଞ୍ଚିଥିବା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ମଦ ଜବତ, ଜଣେ ଗିରଫ

ବଇଣ୍ଡା,୨୭।୧୦(ଡି.ଏନ.ଏ.)- କିଶୋରନଗର ବ୍ଲକ ହଣ୍ଡପା ଗ୍ରାମରେ ଆଠମଲ୍ଲିକ ଅବକାରୀ ବିଭାଗ ଚଢ଼ାଉ କରି ସୁବାସ ବେହେରାଙ୍କ ଘରୁ ୩୦ ଲିଟର ଦେଶୀ ମଦ ଜବତ କରିଛି। ଏଥିସହ ତାଙ୍କୁ ଗିରଫ କରାଯାଇଛି। ସୁବାସ ଘରେ କିଛି ମାସ ହେବ ବେଆଇନ ଭାବେ ଚୋରା ମଦ ବିକ୍ରି କରୁଥିବା ଅଭିଯୋଗ ହେବା ପରେ ଆଠମଲ୍ଲିକ ଅବକାରୀ ଉପନିରୀକ୍ଷକ ପ୍ରଫୁଲ୍ଲ କୁମାର ପତି ଚଢ଼ାଉ କରି ମଦ ଜବତ କରିବା ସହ ତାଙ୍କୁ ଗିରଫ କରିଛନ୍ତି।

## ବିଲ ଭିତରେ ପଶିଗଲା ହାଇୱା



କଣିହାଁ,୨୭।୧୦(ଡି.ଏନ.ଏ.)- କଣିହାଁ-ଡେରଙ୍ଗ ପୂର୍ତ୍ତବିଭାଗ ରାସ୍ତା ମସୁଣୀହତା ଗ୍ରାମ ନିକଟରେ ବୁଧବାର ଏକ ହାଇୱା ଭାରସାମ୍ୟ ହରାଇ ବିଲ ଭିତରକୁ ପଶିଯାଇଛି। ଦୁର୍ଘଟଣା ପରେ ଡ୍ରାଇଭର ଘଟଣାସ୍ଥଳରୁ ପଳାଇ ଯାଇଛନ୍ତି। ଉକ୍ତ ହାଇୱା ଏନ୍‌ଟିପିସି ପାଉଁଶ ପୋଖରୀ ନିର୍ମାଣ କାର୍ଯ୍ୟରେ ଲାଗିଥିଲା। ଧାନ ଚାଷ କ୍ଷୟକ୍ଷତିକୁ ନେଇ ଜମି ମାଲିକ କ୍ଷତିପୂରଣ ଦାବି କରିଛନ୍ତି। ଅନ୍ୟପଟେ ଯାତାୟତ ସମସ୍ୟା ସୁଧାରିବାକୁ ସ୍ଥାନୀୟବାସିନ୍ଦା ଦାବି କରିଛନ୍ତି। କଣିହାଁ ପୋଲିସ ତଦନ୍ତ ଚଳାଇଛି।

## ୫ ହଜାର ଟଙ୍କା ଜରିମାନା

ଛେଣ୍ଡିପଦା,୨୭।୧୦(ସ୍ୱ.ପ୍ର.)- ଛେଣ୍ଡିପଦା ଥାନା ବାଗଡିଆ ଫାଣ୍ଡି ପୋଲିସ ଏକ ବେଆଇନ ବାଲି ବୋଝେଇ ଟ୍ରାକ୍ଟର ଜବତ କରିଛି। କଣଲୋଇ ଗ୍ରାମର ଅବଧୁତ ଦେହୁରୀଙ୍କ ଗାଡ଼ି (ନଂ.ଓଡି୧୯ଏସ୍-୦୧୫୯) ବୁଧବାର ଆଉଁଳୀ ନଦୀରୁ ବେଆଇନ ଭାବେ ବାଲି ବୋଝେଇ କରି କର୍ଣ୍ଣପାଳ ଆସୁଥିବାବେଳେ ବାଗଡିଆ ଫାଣ୍ଡି ଅଧିକାରୀ ଆଶିଷ କୁମାର ଦାସ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲେ। ଆବଶ୍ୟକ କାଗଜପତ୍ର ନ ଥିବାରୁ ଫାଣ୍ଡି ଅଧିକାରୀ ଟ୍ରାକ୍ଟର ଜବତ କରିବା ସହିତ ରାଜସ୍ୱ ବିଭାଗକୁ ହସ୍ତାନ୍ତର କରିଥିଲେ। କଣଲୋଇ ରାଜସ୍ୱ ନିରୀକ୍ଷକ ୫ ହଜାର ଟଙ୍କା ଜରିମାନା ଆଦାୟ କରି ଟ୍ରାକ୍ଟରକୁ ଛାଡି ଦେଇଥିବା ଜଣାପଡ଼ିଛି।

## ବାଇକ୍ ଧକ୍କାରେ ୨ ଗୁରୁତର

ଛେଣ୍ଡିପଦା,୨୭।୧୦(ସ୍ୱ.ପ୍ର.)- ଛେଣ୍ଡିପଦା ଥାନା ସାପୋଇସାହି ନିକଟରେ ବୁଧବାର ବାଇକ୍ ଧକ୍କାରେ ଜଣେ କଲେଜ ଛାତ୍ରୀ ଓ ଚାଳକ ଗୁରୁତର ହୋଇଛନ୍ତି। ବାପୁଜୀ କଲେଜର ଯୁକ୍ତ ୨ ଛାତ୍ରୀ କ୍ଲାସ ସାରି ମେସ୍‌କୁ ଫେରୁଥିବାବେଳେ ବାଇକ୍(ନଂ. ଓଡି-୧୯-ଏମ୍-୧୨୩୫)ରେ ଆସୁଥିବା ସାପୋଇସାହିର ମିଟୁ ବେହେରା ପଛରୁ ଧକ୍କା ଦେଇଥିଲେ। ଫଳରେ ଉଭୟେ ରାସ୍ତା ଉପରେ ଛିଟିକି ପଡିଯାଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ନିକଟସ୍ଥ ଏକ ଘରୋଇ ଚିକିତ୍ସାଳୟକୁ ନେଇଥିଲେ। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ କହିଛି।

# ଚକବନ୍ଦୀ ଉଚ୍ଛେଦ ଦାବିରେ ବିକ୍ଷୋଭ

ଅନୁଗୋଳ ଅଫିସ, ୨୭।୧୦

ଅନୁଗୋଳ ଜିଲାର ୯୨ଟି ରାଜସ୍ୱ ଗ୍ରାମକୁ ଦଖଲ ପ୍ରଦାନ କରି ନ ଥିବା ଚକବନ୍ଦୀ ରେକର୍ଡକୁ ଉଚ୍ଛେଦ କରି ଶାବକ ଦଖଲ ଅନୁଯାୟୀ ପଟ୍ଟା ପ୍ରଦାନ ଦାବିରେ ଚାଷୀ ସୁରକ୍ଷା କମିଟି ନେତୃତ୍ୱରେ ବୁଧବାର ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି।





ଶୋଭାଯାତ୍ରା ସହର ପରିକ୍ରମା କରୁଛି।

ଅନୁଗୋଳ ଉପଖଣ୍ଡର ବିଭିନ୍ନ ଗ୍ରାମରୁ ଆସିଥିବା ୨ ହଜାରରୁ ଅଧିକ ଚାଷୀ ଷ୍ଟାଡିୟମ୍‌ଠାରୁ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରିବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ କମିଟି କାର୍ଯ୍ୟକାରୀ ସଭାପତି ବ୍ରଜବନ୍ଧୁ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ କମିଟି ସଭାପତି ଭାସ୍କର ଦେହୁରୀ, ସମ୍ପାଦକ କାଳୀଚରଣ ପ୍ରଧାନ, ଯତୀନ୍ଦ୍ର ପ୍ରଧାନ, ଗିରିଶ ଚନ୍ଦ୍ର ସାହୁ, ଚକବନ୍ଦୀ ଉଚ୍ଛେଦ ସଂଘ ସମ୍ପାଦକ ନିର୍ମଳ ଅଗ୍ରୱାଲା, ଗ୍ରାମ୍ୟ ଗୃହ ନିର୍ମାଣ ନିଗମ ଅଧ୍ୟକ୍ଷ ମୀନକେତନ ଅମାନ୍ତ, ଅନୁଗୋଳର ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଦୁର୍ଗାଚରଣ ପ୍ରଧାନ, ହିଡିସିଂହ ଜଳସେଚନ ଯୋଜନା କାର୍ଯ୍ୟକାରୀ କମିଟି ସଭାପତି ଦିନେଶ ଦେହୁରୀ, ଅନୁଗୋଳ ଜିଲା ଜନଜୀବନ ସୁରକ୍ଷା କମିଟି କାର୍ଯ୍ୟକର୍ତ୍ତା ଭିକାରୀ ପ୍ରଧାନ, ନିରୋଦ ଚନ୍ଦ୍ର ପାଳ, ନବକିଶୋର ପ୍ରଧାନ, ମାନସ ପାଳ, ସଞ୍ଜୟ ସାହୁ ପ୍ରମୁଖ ଉପସ୍ଥିତ ରହି ଚକବନ୍ଦୀ ଉଚ୍ଛେଦ ପାଇଁ ଦାବି କରିଥିଲେ। ସେମାନେ କହିଥିଲେ, ଜମିଜମା ଚକ ଚିହ୍ନଟ କରି ପ୍ରଦାନ କରା ନ ଯିବା ଯୋଗୁ ପ୍ରାୟ ୪୦ ବର୍ଷ ଧରି ଏଠାକାର ଲୋକେ ପୂର୍ବ ଶାବକ ଜମି ଦଖଲ କରିଆସୁଛନ୍ତି। ଏପରି କି ଆବଶ୍ୟକସ୍ଥଳେ ଜମି ଖରିଦ, ବିକ୍ରି କରିପାରୁ ନାହାନ୍ତି। ଜାତି, ଆୟ, ଉତ୍ତରାଧିକାରୀ ପ୍ରମାଣପତ୍ର ମିଳୁନାହିଁ। ଶିଳ୍ପ, ଖଣି, ରେଳପଥ ଓ ସଡ଼କ ପାଇଁ ଜମି ଅଧିଗ୍ରହଣ ସମୟରେ କ୍ଷତିପୂରଣ ମିଳିପାରୁନାହିଁ। ତେଣୁ ପ୍ରଶାସନ ଓ ସରକାର ତୁରନ୍ତ ଏହି ସମସ୍ୟାର ସମାଧାନ ପାଇଁ ବାସ୍ତବ ପଦକ୍ଷେପ ଗ୍ରହଣ କରିବାକୁ କର୍ମକର୍ତ୍ତାମାନେ ଦାବି କରିଥିଲେ। ଶେଷରେ ଜିଲାପାଳଙ୍କ ସହ ଏକ ପ୍ରତିନିଧି ଦଳ ଆଲୋଚନା ସହ ଦାବିପତ୍ର ପ୍ରଦାନ କରିଥିଲେ। ଦାବି ସମ୍ପର୍କରେ ପ୍ରଶାସନ ଅବଗତ ଥିବାରୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯିବ ବୋଲି ଜିଲାପାଳ କହିଥିଲେ।

## ୭୧ ୟୁନିଟ୍ ରକ୍ତ ସଂଗ୍ରହ

ଛେଣ୍ଡିପଦା,୨୭।୧୦(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ପାତ୍ରପଡା ପଞ୍ଚାୟତ ଗଡମଣ୍ଡଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବୁଧବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୭୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଯୁବ ବିଜେଡି ଜିଲା ସଭାପତି ଦିନେଶ ପ୍ରଧାନ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଚିକିତ୍ସକ ଡାକ୍ତର ରବିଚନ୍ଦ୍ର ଗଡନାୟକ ଓ ପାତ୍ରପଡା ସରପଞ୍ଚ ଯୋଗେଶ୍ୱର ସାହୁ ପ୍ରମୁଖ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଛେଣ୍ଡିପଦା ବ୍ଲକ ଯୁବ ବିଜେଡି ପକ୍ଷରୁ ଆଗାମୀ ଦିନରେ ବ୍ଲକରେ କ୍ରମାଗତ ଭାବେ ବିଭିନ୍ନ ସ୍ଥାନରେ ରକ୍ତଦାନ ଶିବିର ଆୟୋଜନ କରାଯିବ ବୋଲି ଯୁବ ବିଜେଡି ଜିଲା ସଭାପତି ସୂଚନା ଦେଇଛନ୍ତି। ଜିଲା ଉପସଭାପତି ସତ୍ୟବ୍ରତ ଦେହୁରୀ, ବ୍ଲକ ଯୁବ ବିଜେଡି ସଭାପତି ଆଶିଷ ପ୍ରଧାନ, କର୍ମକର୍ତ୍ତା ଚିକୁନ ସାହୁ, ସ୍ୱାଗତ ସାହୁ, ବାପୁନ ସାହୁ, ସିପୁନ ସାହୁ, ଲିଟୁନ ସାହୁ ପରିଚାଳନା କରିଥିଲେ।





ଶିବିରରେ ରକ୍ତ ସଂଗ୍ରହ ବେଳେ ଅତିଥିଙ୍କ ସହିତ ଅନ୍ୟମାନେ।

## ପୋଲତଳକୁ ଖସିଲା କାର୍, ୫ ଗୁରୁତର



ବଇଣ୍ଡା,୨୭।୧୦(ଡି.ଏନ.ଏ.)

କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର କିଶୋରନଗର ଥାନା ସୁସବ ନିକଟରେ ବୁଧବାର ଏକ କାର୍ ପୋଲ ତଳକୁ ଖସିପଡ଼ିବାରୁ ୫ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ହିନ୍ଦୋଳ ଥାନା ଦୁଦୁରୁକୋଟ ଗ୍ରାମର କେଦାରଶ୍ୱର ଲେଙ୍କା, ରନିତା ଲେଙ୍କା, ସବିତା ସାହୁ ଓ ଅନ୍ୟ ୨ ଜଣଙ୍କ ପରିଚୟ ଜଣାପଡିନି। ବାମୁର ଅଗ୍ନିଶମ କର୍ମଚାରୀମାନେ ସେମାନଙ୍କୁ ଉଦ୍ଧାର କରି କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ପୋଲିସ କହିଛି ଏକ କାର୍ (ନଂ. ଓଡି୦୨ଏଜି-୯୮୦୦) ଯୋଗେ ୫ ଜଣ ଅନୁଗୋଳରୁ ସମ୍ବଲପୁର ଅଭିମୁଖେ ଯାଉଥିବାବେଳେ ପଛପଟୁ ଅନ୍ୟ ଏକ ଗାଡି ଧକ୍କା ଦେବାରୁ କାର୍‌ଟି ପୋଲ ତଳକୁ ଖସି ପଡ଼ିଥିଲା। ପୋଲିସ ଗାଡ଼ି ଜବତ କରି ତଦନ୍ତ ଚଳାଇଛି।

## ସଫେଇ କର୍ମଚାରୀଙ୍କ ଧାରଣା



ସଫେଇ କର୍ମଚାରୀମାନେ ଧାରଣାରେ ବସିଛନ୍ତି।

ମାଧପୁର,୨୭।୧୦

ଆଠମଲ୍ଲିକ ବ୍ଲକ ମାଧପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସଫେଇ କର୍ମଚାରୀମାନେ ବୁଧବାର ୫ ମାସର ବକେୟା ଦରମା ଦାବିରେ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଧାରଣା ଦେଇଛନ୍ତି। ଗତ ୨୩ ତାରିଖଠାରୁ ସେମାନେ କଳାବ୍ୟାଜ୍ ପରିଧାନ କରି କାର୍ଯ୍ୟ କରୁଥିଲେ। ହେଲେ କୌଣସି ପଦକ୍ଷେପ ନିଆ ନ ଯିବାରୁ ସକାଳୁ ଧାରଣାରେ ବସିଥିଲେ। ଖବରପାଇ ଆଠମଲ୍ଲିକ ଏସ୍‌ଡିଏମଓ ଡା. ସୁନୀଲ ପଣ୍ଡା ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ୍ୟ ପଦକ୍ଷେପ ନେଇ ନ ଥିବାରୁ ଧାରଣା ଚାଲୁ ରହିଛି ବୋଲି ରୀତା ହରିଚନ୍ଦନ, ସୁବାସିନୀ ନାୟକ, କେଶବ ମୁଖି, ରୁକୁମୁନି ମୁଖି, ଚିନ୍ମୟ ବାଘ ପ୍ରମୁଖ ପ୍ରକାଶ କରିଛନ୍ତି।

## ଭଣଜା ମାଡ଼ରେ ମାମୁ ଗୁରୁତର

ଅନୁଗୋଳ ଅଫିସ, ୨୭।୧୦

ଅନୁଗୋଳ ସହର ଉପକଣ୍ଠ କରଡ଼ାଗାଡ଼ିଆ ଗୋଡ଼ି ସାହିରେ ଭଣଜା ମାଡ଼ରେ ମାମୁ ଗୁରୁତର ହୋଇଛନ୍ତି। ଉଭୟ ପକ୍ଷର ଅଭିଯୋଗ କ୍ରମେ ପୋଲିସ ମାମୁ ଓ ଭଣଜାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ ପ୍ରଭାତ ତ୍ରିପାଠୀ ସୂଚନା ଦେଇଛନ୍ତି। ତ୍ରିପାଠୀ କହିଛନ୍ତି, କରଡ଼ାଗାଡ଼ିଆ ଗୋଡ଼ିସାହି ଅଞ୍ଚଳର ପିଣ୍ଟୁ ବେହେରା ଓ ମାମୁ ବୀରେନ୍ଦ୍ର ପଟ୍ଟନାୟକ ଭୋଜି କରିବାକୁ ଯାଇଥିଲେ। ପରେ ଦୁହିଁଙ୍କ ମଧ୍ୟରେ ମତାନ୍ତର ହେବାରୁ ପିଣ୍ଟୁ ମାମୁ ବୀରେନ୍ଦ୍ରଙ୍କୁ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ମୁଣ୍ଡ ଫାଟିଯାଇଥିଲା। ଏ ନେଇ ଦୁହେଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡ

ଅନୁଗୋଳ ଅଫିସ, ୨୭।୧୦

ଅନୁଗୋଳ ଜିଲା ଓ ଦୌରାଜଜ୍ ଡ. ଭାଗ୍ୟଲକ୍ଷ୍ମୀ ରଥ ବୁଧବାର ହତ୍ୟା ଅଭିଯୁକ୍ତ ଜରପଡ଼ା ଥାନା ନାଉପଦା ଗାଁର ନେଣ୍ଟୁ ବେହେରା(୩୪)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୩୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ମୋଟ ୧୭ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଜିଲା ଓ ଦୌରାଜଜ୍ ଏହି ରାୟ ଶୁଣାଇଥିବା କୋର୍ଟ ସୂତ୍ରରୁ ସୂଚନା ପ୍ରଦାନ କରାଯାଇଛି।

ମାମଲାର ବିବରଣୀ ଅନୁଯାୟୀ, ୨୦୧୭ ଜାନୁୟରୀ ୧୬ ତାରିଖ ସନ୍ଧ୍ୟା ୭ଟାରେ ବିଲରୁ କାମ ସାରି ଫେରୁଥିବା ଜଗତ ବେହେରାଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରାଯାଇଥିଲା। ତାଙ୍କୁ ପ୍ରଥମେ ଛେଣ୍ଡିପଦା ମେଡିକାଲ ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟରୁ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଜଗତଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ ମୃତ ଜଗତଙ୍କ ଭାଇ ପବିତ୍ର ବେହେରା ଜରପଡ଼ା ଥାନାରେ ଲିଖିତ ଅଭିଯୋଗ କରାଯିବା ପରେ ପୋଲିସ ନଂ. ୭/୧୭ରେ ଏକ ମାମଲା ରୁଜୁ କରି ସମ୍ପୃକ୍ତି ଅଭିଯୋଗରେ ନେଣ୍ଟୁଙ୍କୁ ଗିରଫ କରିଥିଲା। ଏହି ମାମଲାକୁ ସରକାରୀ ଓକିଲ ପ୍ରଦୀପ କୁମାର ଦାଶ ପରିଚାଳନା କରିଥିଲାବେଳେ ପ୍ରଦୀପ କୁମାର ଭୂତିଆ ସହଯୋଗ କରିଥିଲେ।

## ଫାଇନାଲରେ ସମ୍ବଲପୁର ଦଳ

ପାଲଲହଡ଼ା,୨୭।୧୦(ଡି.ଏନ.ଏ.)

ପାଲଲହଡ଼ା ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ପାଲଲହଡ଼ା କପ୍‌ର ପ୍ରଥମ ସେମିଫାଇନାଲ ମ୍ୟାଚରେ ତାଳଚେରକୁ ପରାସ୍ତ କରି ସମ୍ବଲପୁର ଦଳ ସେମିଫାଇନାଲରେ ପ୍ରବେଶ କରିଛି। ବୁଧବାର ପ୍ରଥମ ସେମିଫାଇନାଲ ମ୍ୟାଚ ତାଳଚେର ଏବଂ ସମ୍ବଲପୁର ଏକାଦଶ ମଧ୍ୟରେ ଖେଳା ଯାଇଥିଲା। ସମ୍ବଲପୁର ଏକାଦଶ ତାଳଚେରକୁ ୨-୦ ଗୋଲରେ ପରାସ୍ତ କରି ବିଜୟୀ ହୋଇଛି। ଗୁରୁବାର ପୁଲ୍ ବି'ର ପ୍ରଥମ ଲିଗ୍ ମ୍ୟାଚ୍ ଝାରସୁଗୁଡ଼ା ଓ ଛେଣ୍ଡିପଦା ମଧ୍ୟରେ ଖେଳାଯିବ। ପାଲଲହଡ଼ା କପ ଅଧକ୍ଷ ସୁଧାଂଶୁ କପରଦାର, ସଭାପତି ନେତ୍ରାନନ୍ଦ ମହାକୁଲ ସଭା ପରିଚାଳନା କରିଥିଲେ। ସମ୍ପାଦକ ପ୍ରଶାନ୍ତ ଦାଶ, ହରିହର ବେହେରା, ଅଭୟ ନାୟକ, ନରେନ୍ଦ୍ର ଭୁକ୍ତା ପ୍ରମୁଖ ସହଯୋଗ କରିଥିଲେ।

# ସରକାରଙ୍କୁ ଦିଆଗଲା ସଂରକ୍ଷଣ ତାଲିକା

ଅନୁଗୋଳ ଅଫିସ, ୨୭।୧୦

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଗତ ୮ ତାରିଖରେ ପ୍ରକାଶ ପାଇଥିବା ସଂରକ୍ଷଣ ଚିଠା ତାଲିକା ଇତିମଧ୍ୟରେ ଚୂଡ଼ାନ୍ତ ହୋଇଛି। ସମସ୍ତ ଆପତ୍ତି, ଅଭିଯୋଗ ଶୁଣିବା ପରେ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କ ଅବଗତି ନିମନ୍ତେ ସଂରକ୍ଷଣ ତାଲିକା ପ୍ରକାଶ କରାଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦବୀଗୁଡିକ ସଂରକ୍ଷଣରେ କୌଣସି ପରିବର୍ତ୍ତନ ହୋଇ ନ ଥିବାବେଳେ ଜିଲା ପରିଷଦ ସଭ୍ୟ ସଂରକ୍ଷଣ ତାଲିକା ଚୂଡାନ୍ତ ପରେ ସରକାରଙ୍କ ନିକଟକୁ ପଠାଯାଇଛି। ଆସନ୍ତା ୩୦ ତାରିଖରେ ପଞ୍ଚାୟତିରାଜ ବିଭାଗ ଚୂଡ଼ାନ୍ତ ତାଲିକା ପ୍ରକାଶ କରିବ।

ଅନୁଗୋଳ ଜିଲାରେ ଥିବା ୨୮ଟି ଜିଲା ପରିଷଦ ଆସନ ମଧ୍ୟରୁ ୨୦ଟି ଆସନ ସଂରକ୍ଷିତ ରହିଛି। ସେଥିରୁ ଜାତି ଭିତ୍ତିକ ସଂରକ୍ଷଣ ଅନୁସାରେ ପଛୁଆବର୍ଗଙ୍କ ପାଇଁ ୮ଟି, ଅନୁସୂଚିତ ଜାତି ବର୍ଗ ପାଇଁ ୫ ଓ ଅନୁସୂଚିତ ଜନଜାତିଙ୍କ ପାଇଁ ୪ଟି ଆସନ ସଂରକ୍ଷିତ ରଖାଯାଇଛି। ମୋଟ୍ ୨୮ଟି ଆସନ ଭିତରୁ ମହିଳାଙ୍କ ପାଇଁ ୧୪ଟି ସଂରକ୍ଷିତ ରହିଛି। ସାଧାରଣ ବର୍ଗଙ୍କ ପାଇଁ ୬, ପଛୁଆ ବର୍ଗଙ୍କ ପାଇଁ ୩, ଅନୁସୂଚିତ ଜାତି ୩ ଓ ଅନୁସୂଚିତ ଜନଜାତିଙ୍କ ପାଇଁ ୨ଟି ଆସନ ରଖାଯାଇଛି। ସେହିପରି ୮ଟି ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦବୀ ମଧ୍ୟରୁ ବଅଁରପାଳ, ତାଳଚେର ଓ କଣିହାଁ ଅଣସଂରକ୍ଷିତ ରହିଛି। ଛେଣ୍ଡିପଦା ପଞ୍ଚାୟତ ସମିତି ମହିଳାଙ୍କ ପାଇଁ ସଂରକ୍ଷିତ ଥିବାବେଳେ ଅନୁଗୋଳ ପଞ୍ଚାୟତ ସମିତି ଅନୁସୂଚିତ ଜନଜାତି(ମହିଳା), କିଶୋରନଗର ଅନୁସୂଚିତ ଜାତି, ଆଠମଲ୍ଲିକ ଆସନ ପଛୁଆ ବର୍ଗ(ମହିଳା) ଓ ପାଲଲହଡ଼ା ଅନୁସୂଚିତ ଜାତି(ମହିଳା)ଙ୍କ ପାଇଁ ସଂରକ୍ଷିତ ରହିଛି। ସରପଞ୍ଚ, ସମିତିସଭ୍ୟ ଓ ୱାର୍ଡମେମ୍ବର ନିର୍ବାଚନ ପାଇଁ ମଧ୍ୟ ଚୂଡ଼ାନ୍ତ ସଂରକ୍ଷଣ ତାଲିକା ପ୍ରକାଶ କରାଯାଇଛି। ପୂର୍ବ ଚିଠା ତାଲିକାରେ ସାମାନ୍ୟ ପରିବର୍ତ୍ତନ ହୋଇଛି। ୮ ସରପଞ୍ଚ ଓ ୧୦ ସମିତି ସଭ୍ୟଙ୍କ ସଂରକ୍ଷଣ ସ୍ଥାନ ବଦଳିଛି। ସରକାରଙ୍କ ନିକଟକୁ ପଠାଯାଇଥିବା ତାଲିକା ୨୯ ତାରିଖରେ ଅନୁମୋଦନ ଲାଭ କରିବା ପରେ ୩୦ ତାରିଖରେ ଚୂଡାନ୍ତ ତାଲିକା ରାଜ୍ୟ ନିର୍ବାଚନ କମିଶନଙ୍କୁ ପ୍ରଦାନ କରାଯିବ ବୋଲି ଜିଲା ପଞ୍ଚାୟତ ଅଧିକାରୀ ଗୁରୁଭା ସିଂହ ସୂଚନା ଦେଇଛନ୍ତି।

## ରାଜ୍ୟ ଇନ୍‌ଚାର୍ଜ ହେଲେ ସଂଘମିତ୍ରା

ଅନୁଗୋଳ ଅଫିସ, ୨୭।୧୦

ଭାଜପା ପଲିସି ଆଣ୍ଡ ରିସର୍ଚ୍ଚ ସେଲ୍‌ର ଓଡ଼ିଶା ଇନ୍‌ଚାର୍ଜ ଭାବେ ସଂଘମିତ୍ରା ପ୍ରଧାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଅନୁଗୋଳ ଜିଲାରୁ ପ୍ରତିନିଧିତ୍ୱ କରୁଥିବା ପ୍ରଧାନ ଏବେ ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା, ଦେବଗଡ଼ ଜିଲା ପ୍ରଭାରୀ ଏବଂ ଅନୁଗୋଳ ଜିଲା ଲିଗାଲ୍ ସେଲ୍ କୋଅର୍ଡିନେଟ୍‌ର ଦାୟିତ୍ୱ ତୁଲାଉଛନ୍ତି। ଜିଲାରୁ ପ୍ରଥମ ମହିଳା ଭାବେ କେନ୍ଦ୍ରୀୟ ଟିମ୍‌ରେ ସାମିଲ ହୋଇଥିବାରୁ ଅନୁଗୋଳ ଜିଲା ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ସଂଘମିତ୍ରାଙ୍କୁ ଜିଲା କାର୍ଯ୍ୟାଳୟ ଠାରେ ସମ୍ବର୍ଦ୍ଧିତ କରାଯାଇଛି। ବରିଷ୍ଠ ନେତା ରୁଦ୍ର ନରାୟଣ ପାଣିଙ୍କ ଉପସ୍ଥିତିରେ ଜିଲା ସଭାନେତ୍ରୀ ବସନ୍ତ ମଞ୍ଜରୀ ପ୍ରଧାନ ସମ୍ମାନିତ କରିଥିଲେ। ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ରୋଜାଲିନ୍‌ଦାସ, ଉପସଭାନେତ୍ରୀ ସରିତା ମିଶ୍ର, ସାଧାରଣ ସମ୍ପାଦିକା ସୁଚିସ୍ମିତା ତ୍ରିପାଠୀ, ଭାଜପା ଜିଲା ସମ୍ପାଦିକା ନମିତା ଦଳବେହେରା, ମଣ୍ଡଳ ସଭାନେତ୍ରୀ ହେମକାନ୍ତ ରଥ ପ୍ରମୁଖ ଉପସ୍ଥିତ ଥିଲେ।

# ଗ୍ରାମ ସଫେଇ କାର୍ଯ୍ୟକ୍ରମ



ଗ୍ରାମ ସଫେଇ କରାଯାଉଛି।

ବଇଣ୍ଡା,୨୭।୧୦(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ଆମ୍ବଶରମୁଣ୍ଡା ପଞ୍ଚାୟତ ପୋଡାପଦର ଗ୍ରାମରେ ବୁଧବାର ବିଜେଡି ପକ୍ଷରୁ ସଫେଇ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ବ୍ଲକ ବିଜେଡି ସଭାପତି ବୃନ୍ଦାବନ ସାହୁ, ଆମ୍ବଶରମୁଣ୍ଡା ସରପଞ୍ଚ ମହେଶ୍ୱର ଦେହୁରୀ, ଜେନାମଣି ପ୍ରଧାନଙ୍କ ସମେତ ବହୁ କର୍ମୀ ଯୋଗଦେଇ ଗ୍ରାମ ସହ ଗ୍ରାମର ବିଭିନ୍ନ ସ୍ଥାନରୁ ଆବର୍ଜନା ସଫା କରିଥିଲେ। ଗ୍ରାମକୁ କିଭଳି ପରିଷ୍କାର ରଖାଯାଇପାରିବ ସେ ନେଇ ଗ୍ରାମବାସୀଙ୍କୁ ପରାମର୍ଶ ଦେଇଥିଲେ।

# ଆଇଏନ୍‌ଟିୟୁସି ବିଜୟୀ

ବଅଁରପାଳ,୨୭।୧୦(ଡି.ଏନ.ଏ.)

ଭୁବନେଶ୍ୱରସ୍ଥିତ ନାଲ୍‌କୋ କର୍ପୋରେଟ କାର୍ଯ୍ୟାଳୟରେ ବୁଧବାର ଶ୍ରମିକ ସଙ୍ଗଠନର ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏମ୍ପ୍ଲୋଇଜ୍ ସେଣ୍ଟ୍ରାଲ ୟୁନିୟନ ଓ ଏମ୍ପ୍ଲୋଇଜ୍ ଫୋରମ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତାରେ ଆଇଏନ୍‌ଟିୟୁସି ସମ୍ବନ୍ଧିତ ନାଲ୍‌କୋ ଏମ୍ପ୍ଲୋଇଜ୍ ଫୋରମ ବିଜୟ ଲାଭ କରିଛି। ଏଥିସହ ଆଇଏନ୍‌ଟିୟୁସି ସ୍ୱୀକୃତିପ୍ରାପ୍ତ ସଙ୍ଗଠନର ମାନ୍ୟତା ହାସଲ କରିଛି। ବିଜୟୀ ଦଳର ସାଧାରଣ ସମ୍ପାଦକ ପ୍ରଦୀପ କୁମାର ଦାସ, ସଭାପତି ମଦନ ଧଳ ସମସ୍ତ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ବିଜୟୀ ପାଇଁ ନାଲ୍‌କୋ ଶ୍ରମିକ କଂଗ୍ରେସ ସାଧାରଣ ସମ୍ପାଦକ ପରେଶ ଚନ୍ଦ୍ର ଜେନା, କାର୍ଯ୍ୟକାରୀ ସଭାପତି ବିଭବ ଜେନା, ସୁଜିତ ସେଠ, ହେମନ୍ତ ପ୍ରଧାନ, ବିମ୍ବାଧର ସାମଲ, ନେସ୍ ସାଧାରଣ ସମ୍ପାଦକ ନିର୍ମଳ ସାମଲ, କାର୍ଯ୍ୟକାରୀ ସଭାପତି ମଳୟ ସ୍ୱାଇଁ, ବିଜନ ଦଳ ବେହେରା, ଉପସଭାପତି ମନୋଜ ସ୍ୱାଇଁ, ଅଟଳ ବିହାରୀ ଷଡଙ୍ଗୀ ପ୍ରମୁଖ ବିଜୟୀ ସଙ୍ଗଠନର କର୍ମକର୍ତ୍ତାଙ୍କୁ ଭେଟି ଅଭିନନ୍ଦନ ଜଣାଇଛନ୍ତି।



ସାଧାରଣ ସମ୍ପାଦକ ପ୍ରଦୀପ କୁମାର ଦାସ।

# ଗରା, ମାଠିଆ ଧରି ମହିଳାଙ୍କ ପ୍ରତିବାଦ



ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମହିଳାମାନେ ପ୍ରତିବାଦ କରୁଛନ୍ତି।

ଆଠମଲ୍ଲିକ,୨୭।୧୦(ଡି.ଏନ.ଏ.)

ପାନୀୟ ଜଳ ଯୋଗାଣ ଦାବିରେ ଆଠମଲ୍ଲିକ ବ୍ଲକ ଅଏଡା ପଞ୍ଚାୟତ ବାଘୁଆକଟା ଗ୍ରାମର ମହିଳାମାନେ ବୁଧବାର ଗରା, ମାଠିଆ ଧରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ରରେ ଉଲ୍ଲେଖ ରହିଛି, ଗ୍ରାମରେ ୭ଟି ନଳକୂପ ରହିଛି। ସେଥିମଧ୍ୟରୁ କେତୋଟି ଅଚଳ ହୋଇପଡିଛି। ସମସ୍ୟା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ସମାଧାନ କରାଯାଉ ନାହିଁ। ଟ୍ୟାଙ୍କର ପାଣି ପର୍ଯ୍ୟାପ୍ତ ହେଉ ନ ଥିବାରୁ ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ପାଇପ୍ ଯୋଗେ ପାଣି ଯୋଗାଇବା ପାଇଁ ନିଷ୍ପତ୍ତି ହୋଇଥିଲା। ବିଭାଗ ପକ୍ଷରୁ ଜଳ ଯୋଗାଣ ପାଇଁ କୂପ ଖନନ ହୋଇ ସାରିଥିଲେ ମଧ୍ୟ ଅର୍ଥ ବ୍ୟବସ୍ଥା ହୋଇ ନ ଥିବାରୁ ପମ୍ପଘର କିମ୍ବା ପାଇପ୍ ଲାଇନ କାର୍ଯ୍ୟ ହୋଇପାରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମର ପ୍ରମିଳା ବାଘ, ପଦ୍ମନ ଭୁକ୍ତା, ମଧୁସୂଦନ ବୁଡାଇକ, ଇନ୍ଦ୍ରମଣି ବେହେରା ଓ ଉପେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ ମହିଳା ପ୍ରତିବାଦରେ ସାମିଲ ଥିଲେ। ଏ ନେଇ ଗ୍ରାମ୍ୟ ଜଳଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ଉମାକାନ୍ତ ବେହେରା କହିଛନ୍ତି, ଉକ୍ତ ଗ୍ରାମକୁ ମେଗା ପ୍ରକଳ୍ପରେ ସାମିଲ କରାଯାଇଥିବାରୁ ପୂର୍ବରୁ ହେଉଥିବା କାର୍ଯ୍ୟ ବନ୍ଦ କରାଯାଇଛି।

## ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଦରଖାସ୍ତ ଗ୍ରହଣ

ଅନୁଗୋଳ ଅଫିସ, ୨୭।୧୦

ଖବରଦାତାମାନଙ୍କୁ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ସାମିଲ ପାଇଁ ପ୍ରଶାସନ ପକ୍ଷରୁ ପୁଣିଥରେ ଦରଖାସ୍ତ ଆହ୍ୱାନ କରାଯାଇଛି। ଜିଲାରେ ୭୭ ଜଣ ଖବରଦାତା ଓ ତାଙ୍କ ପରିବାରକୁ ପ୍ରଥମ ପର୍ଯ୍ୟାୟରେ ଏହି ବୀମା କାର୍ଡ ପ୍ରଦାନ କରାଯାଇଛି। କିନ୍ତୁ କେତେଜଣ ଖବରଦାତା ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରି ନ ଥିବାରୁ ଯୋଗ୍ୟ ବୈଦ୍ୟୁତିକ, ପ୍ରିଣ୍ଟ, ୱେବ ପୋର୍ଟାଲର ସ୍ୱୀକୃତିପ୍ରାପ୍ତ ଖବରଦାତାମାନଙ୍କ ପରିଚୟ ପତ୍ର ଓ ପ୍ରକାଶକଙ୍କ ଦ୍ୱାରା ନିଯୁକ୍ତିପତ୍ର ସହ ଆବେଦନ କରିବାକୁ ପ୍ରଶାସନ ପକ୍ଷରୁ ଅବଗତ କରାଯାଇଛି। ଆସନ୍ତା ୨୯ ତାରିଖରୁ ନଭେମ୍ବର ୧୦ ତାରିଖ ମଧ୍ୟରେ ଆବେଦନ କରିବାର ସମୟ ସୀମା ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

